ଟିପ୍ପଣୀ

# ଏକକ ୧୨:ବିଦ୍ୟାଳୟ ଓ ଗୋଷ୍ଠୀ ସହଭାଗୀତାର ପରିଚାଳନା ପନ୍ଥା ସମୂହ

**ସଂରଚନା**


୧୨.୦ ଉପକ୍ରମ

୧୨.୧ ଶିକ୍ଷଣ ଉଦ୍ଦେଶ୍ୟ

୧୨.୨ ପରିଚାଳନା ପନ୍ଥା

୧୨.୩ ପରିଚଳନାଗତ ପନ୍ଥାର ପ୍ରକାର

୧୨.୪ ବିଦ୍ୟାଳୟ ଓ ଗୋଷ୍ଠୀ ଭାଗୀଦାରିତାର ଦୃଢିକରଣ ପାଇଁ ପ୍ରତ୍ୟେକ ପନ୍ଥାର ପ୍ରାସଂଗିକତା

୧୨.୫ ବିଦ୍ୟାଳୟ ଓ ଗୋଷ୍ଠୀ ଭାଗୀଦାରିତାର ପରିଚାଳନା ଓ ସଂଗଠନ ଏବଂ ସମ୍ପର୍କ ଦୃଢିକରଣ କରିବାର ପ୍ରକ୍ରିୟା

୧୨.୬ ସାରାଂଶ

୧୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୨.୮ ପାଠାନ୍ତ ପ୍ରଶ୍ନାବଳୀ


## ୧୨.୦ ଉପକ୍ରମ

ପୂର୍ବ ଏକକରେ ମାନବ ସମ୍ବଳକୁ ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ଆଲୋଚନା କରାଯାଇଛି । ତୁମେମାନେ ଭଲ ଭାବେ ଜାଣ ଯେ, ଲୋକମାନଙ୍କର ଶିକ୍ଷା ଓ ପ୍ରଶିକ୍ଷଣ ସେମାନଙ୍କର ପରିବାର, ଗୋଷ୍ଠୀ, ସମାଜ ତଥା ଦେଶର ଆୟବୃଦ୍ଧି କରେ । ଏଥିରୁ ସୂଚିତ ହେଉଛି ଯେ, ଶିକ୍ଷା ଓ ପ୍ରଶିକ୍ଷଣକୁ ଏକ ବିନିଯୋଗ ଭାବେ ପରିଗଣିତ କରାଯାଉଛି ଏବଂ ବ୍ୟୟସାପେକ୍ଷ ଯନ୍ତ୍ରପାତି ପରି ଶିକ୍ଷା ଓ ପ୍ରଶିକ୍ଷଣରେ ବିନିଯୋଗ କରୁଥିବା ବ୍ୟକ୍ତିଙ୍କୁ ଶିକ୍ଷା ପ୍ରତିବଦଳରେ ଲାଭ ଯୋଗାଇ ଦେବାର ଆଶା କରାଯାଏ । ଏହି ଏକକରେ ବିଦ୍ୟାଳୟ ଯାହାକି ଶିକ୍ଷାର ଏକ ମାଧ୍ୟମ, ଏଗୁଡ଼ିକର ପରିଚାଳନା କିପରି ଗୋଷ୍ଠୀର ନିକଟତର କରି ପାରିବ ଓ ଅନ୍ୟପକ୍ଷରେ ଗୋଷ୍ଠୀ କିପରି ନିକଟତର ହୋଇପାରିବ ତାହା ତୁମେମାନେ ଜାଣିବ । ଯେହେତୁ ବିଦ୍ୟାଳୟ ସମାଜର ଏକ ସଂସ୍ଥା, ଗୋଷ୍ଠୀ ଓ ବିଦ୍ୟାଳୟର ସହଭାଗିତା ସୁଦୃଢ ହୋଇ ପାରିବ । ଶିକ୍ଷା ଓ ପ୍ରଶିକ୍ଷଣ ଗୋଷ୍ଠୀର ଉପକାର କରନ୍ତି । ଶିକ୍ଷା ଓ ପ୍ରଶିକ୍ଷଣ ଯେ କେବଳ ଅର୍ଥନୈତିକ ମୂଲ୍ୟବୋଧ ରହିଛି ତାହା ନୁହେଁ, ବରଂ ଏହାର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ମଧ୍ୟ ରହିଛି ।

## ୧୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକରେ ପଢି ସାରିବା ପରେ ତୁମେ ସକ୍ଷମ ହେବ

- ବିଦ୍ୟାଳୟ ଓ ଗୋଷ୍ଠୀ ସହଭାଗିତାର ପରିଚଳନା ସମ୍ବନ୍ଧୀୟ ଧାରଣାକୁ ବ୍ୟାଖ୍ୟା କରିବାରେ

ଟିପ୍ପଣୀ

- ପରିଚାଳନା ପନ୍ଥା ସମୂହର ପ୍ରକାରଗୁଡିକୁ ଶ୍ରେଣୀ ବିଭାଗ କରିବାରେ ଯେପରି
  - (କ) ମାନବ ଶକ୍ତିର ଆବଶ୍ୟକତା
  - (ଖ) ମୂଲ୍ୟ ଉପକାର ବିଶ୍ଲେଷଣ
  - (ଗ) ସାମାଜିକ ଚାହିଦା
  - (ଘ) ସାମାଜିକ ନ୍ୟାୟ
- ବିଦ୍ୟାଳୟ ଏବଂ ଗୋଷ୍ଠୀ ସହଭାଗିତା ନିମିତ୍ତ ପ୍ରତ୍ୟେକ ପନ୍ଥାର ପ୍ରାସଙ୍ଗିକତା ଆଲୋଚନା କରିବାରେ
- ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କକୁ ଦୃଢୀଭୂତ କରିବାର ପ୍ରକ୍ରିୟାକୁ ବ୍ୟାଖ୍ୟା କରିବାରେ ।

## ୧୨.୨ ପରିଚାଳନା ପନ୍ଥା ସମୂହ

### ୧୨.୨.୧ ଅର୍ଥ

ଗୋଟିଏ ଦେଶର ୧୮ - ୬୫ ବର୍ଷ ବୟସର ଜନସଂଖ୍ୟାକୁ ଦେଶର ମନବଶକ୍ତି ଭାବେ ବିବେଚନା କରାଯାଇପାରିବ । ଶିକ୍ଷିତ ମାନବୀୟଶକ୍ତି ଏକ ସମ୍ପଦ । ଚୀନ, ଜାପାନ, ଆମେରିକା, ଜର୍ମାନର କାର୍ଯ୍ୟକ୍ଷମ ଜନସଂଖ୍ୟା କଥା କିଛି କ୍ଷଣ ପାଇଁ ଭାବ ଏବଂ ଏହିପରି ଅନ୍ୟାନ୍ୟ ଦେଶ ଗୁଡ଼ିକ ନୂତନ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ କିପରି ସମ୍ପଦମାନ ସୃଷ୍ଟି କରିଚାଲିଛନ୍ତି । ତୁମେ ଦେଖ, ଭାରତରେ ୬-୧୪ ବର୍ଷ ବର୍ଗର ପିଲାମାନଙ୍କୁ କିପରି ସର୍ବଶିକ୍ଷା ଅଭିଯାନ ମଧ୍ୟରେ ବିଦ୍ୟାଳୟକୁ ପ୍ରେରଣ କରାଯିବାର ପ୍ରଚାର ଚାଲିଛି । ତୁମେମାନେ ଏହି ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ତୁମ ମାନଙ୍କର ପଢାଇବା ଦାୟିତ୍ୱକୁ ଆନ୍ତରିକତାର ସହ ସମ୍ପାଦନ କରୁଛ, ଯାହାଫଳରେ, ଏହି ପିଲାମାନେ ଶିକ୍ଷା ପ୍ରାପ୍ତି ଏବଂ କିଛି ବୃତ୍ତିଗତ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ସେମାନଙ୍କର ଆୟର ସାମର୍ଥ୍ୟ ବୃଦ୍ଧି କରିବା ସ୍ଥିତିରେ ଥାନ୍ତି । ତୁମ ରାଜ୍ୟର ଶିକ୍ଷାର ସୁଯୋଗ ସମ୍ବନ୍ଧରେ ଭାବ । ବର୍ଷାନୁକ୍ରମେ, ଏହା ସଂପ୍ରସାରିତ ହୋଇନାହିଁ କି ?

ତୁମ ଚାରିପାଖେ ଥିବା ତୁମର ବାପା, ପୂର୍ବପୁରୁଷ, ଗ୍ରାମ ଗୋଷ୍ଠୀର ଶିକ୍ଷାଗତ ଅବସ୍ଥା ବିଷୟରେ ଭାବ । ପରିସ୍ଥିତି ବଦଳିଛି । ଶିକ୍ଷା ସଂପ୍ରସାରିତ ହେଉଛି । ଯେଉଁମାନେ ପ୍ରାଥମିକ ଶ୍ରେଣୀ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନେ ଉଚ୍ଚ ପ୍ରାଥମିକ ଶ୍ରେଣୀକୁ ଯାଉଛନ୍ତି, ଉଚ୍ଚ ପ୍ରାଥମିକରୁ ମାଧ୍ୟମିକ, ମାଧ୍ୟମିକରୁ ଉଚ୍ଚ ମାଧ୍ୟମିକ ଏବଂ ଏହିପରି ଭାବେ ସେମାନେ ଶିକ୍ଷାର ଶିଢ଼ିରେ ପାହାଚ ପରେ ପାହାଚ ଉପରକୁ ଉଠି ଚାଲିଛନ୍ତି ।

ତେଣୁ ମାନବଶକ୍ତିକୁ ଶିକ୍ଷିତ କରିବା ଆଉ ଘରୋଇ ବ୍ୟାପାର ହୋଇ ରହିନାହିଁ ବରଂ ସରକାରୀ, ବେସରକାରୀ ସଂସ୍ଥା ଗୁଡ଼ିକର ସଂପୃକ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହା ଯେ କେବଳ ଗ୍ରହଣୀୟ ତାହା ନୁହେଁ ବରଂ ଆବଶ୍ୟକତା ଅଟେ । ଶିକ୍ଷାକୁ ଏକ ଜୀବନ ବ୍ୟାପୀ ଶିକ୍ଷଣ ଭାବେ ବିବେଚନା କରାଯାଏ କାରଣ ନୂତନ ଜ୍ଞାନ ଏବଂ ନୂତନ କୌଶଳ ଦିନକୁ ଦିନ ଯୁକ୍ତ ହୋଇଚାଲିଛି । ବୈଷୟିକ ଶିକ୍ଷାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କମ୍ପ୍ୟୁଟର ଶିକ୍ଷା

ଟିପ୍ପଣୀ

ସୁଦୂର ସହର ଓ ନଗରରେ ପହଞ୍ଚିଛି । ତେବେ ଶିକ୍ଷା ଓ ପ୍ରଶିକ୍ଷଣ କ'ଣ ପାଇଁ? ସରଳରେ ବୁଝିଲେ, ଏଥିରେ ଦଖଲ ନ ଥିବା ବ୍ୟକ୍ତିଙ୍କ ଠାରୁ ଦଖଲ ଥିବା ବ୍ୟକ୍ତିଙ୍କୁ ଏହା ସମ୍ମାନଜନକ (ଉଚ୍ଚତର) ଆୟ ଯୋଗାଇ ଦେଇଥାଏ ।

ସଂକ୍ଷେପରେ, ଆମେ କହିପାରିବା ଯେ, ବର୍ତ୍ତମାନ ଦୁନିଆରେ ପରିବାର, ଗୋଷ୍ଠୀ, ସମାଜ କିମ୍ବା ସରକାରଙ୍କର ଦୃଷ୍ଟିଭଙ୍ଗୀ ବଦଳିଛି । ଏହି ସବୁ ସଂସ୍ଥା ଗୁଡ଼ିକ କୋଣ ଅନୁକୋଣରେ ଶିକ୍ଷା ଓ ପ୍ରଶିକ୍ଷଣର ସୁଯୋଗ ସୃଷ୍ଟି କରିବା ପାଇଁ ଆୟୋଜନ କରିବା ଆବଶ୍ୟକ ବୋଲି ଚିନ୍ତା କରୁଛନ୍ତି । ବର୍ଦ୍ଧିତ ପ୍ରତିଯୋଗୀତା, ଉତ୍ପାଦନର ନୂତନ ପଦ୍ଧତି, ବିଜ୍ଞାନ ଓ ଯାନ୍ତ୍ରିକ ବିଜ୍ଞାନର ବ୍ୟବହାର, ପରିବାରରେ ଉଚ୍ଚମାନର ଜୀବନ ଧାରଣର ଆକାଂକ୍ଷା ପରିବାରରେ ପ୍ରତ୍ୟେକ କାର୍ଯ୍ୟକାରୀ ସଭ୍ୟଙ୍କୁ ଶିକ୍ଷିତ ଓ ତାଲିମ ପ୍ରାପ୍ତ କରାଇବା ଏକ ଆବଶ୍ୟକତାରେ ପରିଣତ କରିଛି । ଶିକ୍ଷା ଓ ତାଲିମ ବିନା ଭବିଷ୍ୟତ ଅନିଶ୍ଚିତ ଓ ନିରୁତ୍ସାହଜନକ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ବର୍ଦ୍ଧିତ ଶିକ୍ଷା ଓ ପ୍ରଶିକ୍ଷଣର ଭୂମିକା ଏବଂ ଏହାର ବିସ୍ତାରକୁ କିପରି ପରିଚାଳନା କରାଯିବ । ମାନବଶକ୍ତି ବିଶେଷଜ୍ଞ, ଅର୍ଥନୀତିଜ୍ଞ ସେମାନଙ୍କ ଗବେଷଣା ମାଧ୍ୟମରେ ଶିକ୍ଷା ଯୋଜନା ପାଇଁ ମାନବଶକ୍ତିର ପନ୍ଥାଗୁଡ଼ିକୁ ଉଦ୍ଭାବନ ଓ ସୁପାରିସ କରିଛନ୍ତି । ଅଧିକ ବୈଷୟିକ ଦୃଷ୍ଟିକୋଣକୁ ଅର୍ନ୍ତଭୁକ୍ତ ନକରି. ଚାଲ ଏହି ପନ୍ଥାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବା ।

### ୧୨.୨.୨ ସ୍ୱଭାବ ଓ ପରିସର

ଷଷ୍ଠ ଦଶକରେ (୧୯୬୦) ସୁଲ୍‌ଚ ଏକ ନୂତନ ଧାରଣା ପ୍ରଦାନ କରିଥିଲେ ଯାହାକି, "ମାନବ ପୁଞ୍ଜିର ତତ୍ତ୍ୱ ଓ ପନ୍ଥା" ଭାବେ ପରିଚିତ । ଏହି ପନ୍ଥାର ମୁଖ୍ୟ ବିନ୍ଦୁଗୁଡ଼ିକୁ ନିମ୍ନରେ ପ୍ରଦତ୍ତ କରାଯାଇପାରେ -

(୧) ଶିକ୍ଷଣ ପ୍ରକ୍ରିୟା ଏକ ନୂତନ ଉପାଦେୟ ସମ୍ବଳର ଫଳ ସୃଷ୍ଟି କରେ ଯାହାକି ମାନବ ପୁଞ୍ଜିଭାବେ ପରିଚିତ ।

(୨) ଶିକ୍ଷାରେ ବ୍ୟୟ ଏକ ବିନିଯୋଗ ଯାହାକି ଉଭୟ ମାନବ ପୁଞ୍ଜି ଓ ଭୌତିକ ପୁଞ୍ଜି ଅଧିକତର ଭାବେ ବୃଦ୍ଧିକରେ ।

(୩) ଏକ ଶିଳ୍ପକାରଖାନାରେ ଉତ୍ପାଦନ ପ୍ରକ୍ରିୟାକୁ ଆମେ ତୁଳନା କରିବା ପରି ଶିକ୍ଷଣ ପ୍ରକ୍ରିୟାକୁ ମଧ୍ୟ ତୁଳନା କରାଯାଇ ପାରିବ ।

(୪) ଶିକ୍ଷା ଓ ତାଲିମରେ ଭିନ୍ନତା ହେତୁ ମଜୁରୀରେ ଭିନ୍ନତା ଦେଖାଦେଇଥାଏ, ଯାହା ଶ୍ରମିକର ତଥାକଥିତ ସ୍ୱଚ୍ଛ ଉତ୍ପାଦନ ଶକ୍ତି ଓ ଦକ୍ଷତା ବୃଦ୍ଧି କରିଥାଏ । ସ୍ୱଚ୍ଛ ଉତ୍ପାଦନ ଶକ୍ତି ଅର୍ଥ ଅତିରିକ୍ତ ଉତ୍ପାଦନ ଯାହା ଅତିରିକ୍ତ ବର୍ଷର ଶିକ୍ଷା ଓ ତାଲିମର ଫଳ ।

ଯାହାହେଲେ ମଧ୍ୟ, ଶିକ୍ଷା ଓ ତାଲିମ ପାଇଁ ବ୍ୟକ୍ତିଗତ ଚାହିଦା (ପରିବାର ଚାହିଦା) ଗୁଡ଼ିକ ନିମ୍ନଲିଖିତ ବିଚାରଗୁଡିକ ଉପରେ ନିର୍ଭର କରିଥାଏ ।

- ସ୍ୱେଚ୍ଛାକୃତ ଶିକ୍ଷାର ମୂଲ୍ୟରେ ପରିବର୍ତ୍ତନ ।
- ଶିକ୍ଷା ନିମିତ୍ତ ପୃଥକ ପୃଥକ ପରିବାରର ରୁଚି କିମ୍ବା ପସନ୍ଦ ।

ଟିପ୍ପଣୀ

- ଘରର ରୋଜଗାର, ପରିବାରର ରୋଜଗାର ଉଚ୍ଚତର ହେଲେ ଶିକ୍ଷାରେ ଉଚ୍ଚତର ବ୍ୟୟର ସାମର୍ଥ୍ୟ ବା ଏହାର ବିପରୀତ
- ବିଭିନ୍ନ ସୁବିନିଯୋଗ ସୁଯୋଗରୁ ପ୍ରତ୍ୟାଶିତ ଆୟର ଫେରସ୍ତ (ଶିକ୍ଷା ଓ ପ୍ରଶିକ୍ଷଣ କିମ୍ବା ଅନ୍ୟତ୍ର ବିନିଯୋଗରେ ଉଚ୍ଚତର କିମ୍ବା ନିମ୍ନତର ପ୍ରତ୍ୟାଶିତ ଫେରସ୍ତ)

କିନ୍ତୁ ପରେ 'ମାନବ ପୁଞ୍ଜି' ନମୁନାର ଏହି ଜନଶକ୍ତି ପଦ୍ଧତି ସମାଲୋଚିତ ହେଲା କାରଣ ଗବେଷଣା ପ୍ରଦର୍ଶିତ କଲା ଯେ ବଜାର ଓ ବାସ୍ତବ ଜୀବନ ପରିସ୍ଥିତିରେ ବିଭବ ବଣ୍ଟନ ଏବଂ ପରିବାରର ରୋଜଗାର ଦେଶରେ ଶିକ୍ଷା ଓ ପ୍ରଶିକ୍ଷଣର ବଣ୍ଟନ ସହିତ ଏକାଠି ଯାଏ ନାହିଁ। ରୋଜଗାରର ଉତ୍ସ ଏବଂ ଶିକ୍ଷାର ହିସାବ, ଶିକ୍ଷା ଏବଂ ପ୍ରଶିକ୍ଷଣର ସ୍ତର ସହିତ ମେଳ ଖାଏ ନାହିଁ। ସମାଜରେ ଅନ୍ୟାନ୍ୟ କାରଣ ଓ ଶକ୍ତି ମାନଙ୍କର ମଧ୍ୟ ବିଭବ ବଣ୍ଟନରେ ଗୁରୁତ୍ୱ ରହିଛି। ତାହା ନ ହେଲେ ଗୋଟିଏ ସ୍ତରର ଶିକ୍ଷା ଓ ପ୍ରଶିକ୍ଷଣରେ ଥିବା ପରିବାରର ଅର୍ଥନୈତିକ ଅବସ୍ଥା ଆଉ ଗୋଟିଏ ସେହି ସ୍ତରର ଶିକ୍ଷା ଓ ପ୍ରଶିକ୍ଷଣ ଲାଭ କରିଥିବା ପରିବାର ଠାରୁ କିଛି ଅଧିକ ବା କମ୍‌ରେ ରହନ୍ତା। ତେଣୁ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଅନ୍ୟ ଶକ୍ତିମାନେ ବିଦ୍ୟମାନ ଯେଉଁମାନେ ଦେଶରେ ବିଭବ ବଣ୍ଟନରେ ଅସମତା ସୃଷ୍ଟି କରବା ନିମନ୍ତେ କାର୍ଯ୍ୟ କରୁଛନ୍ତି। ଏହି ଶକ୍ତିମାନେ ସାମାଜିକ ସ୍ୱଭାବର କିମ୍ବା ରାଜନୈତିକ ଆକର୍ଷଣ ନିମିତ୍ତ ହୋଇପାରନ୍ତି।

ସାମାଜିକ ସ୍ୱଭାବ ବା ରାଜନୈତିକ ଆକର୍ଷଣର ଏହି ଶକ୍ତି ଗୁଡିକ କିଛି ଅର୍ଥନୀତି ବିଷାରଦଙ୍କ ଦ୍ୱାରା ଦେଶର ଅର୍ଥନୈତିକ ସଂରଚନା ଭାବେ ଦେଖାଯାଏ। ଥୁରୋ (୧୯୭୨) ଙ୍କ ଅନୁସାରେ ଆୟ ବଣ୍ଟନ ପ୍ରଶିକ୍ଷଣ ଶିକ୍ଷାଲାଭ କରିଥିବା ଶ୍ରମଧାଡି ଦ୍ୱାରା ନୁହେଁ ବରଂ ନିଯୁକ୍ତି ସୁଯୋଗ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ନିଯୁକ୍ତି ସୁଯୋଗ ଦେଶରେ ନିଯୁକ୍ତି ଓ ଶ୍ରମର ଚାହିଦା ସୂଚୀତ କରେ। ଚାହିଦାକୁ ପୂରଣ କରିବା ନିମନ୍ତେ ଶିକ୍ଷା ଓ ପ୍ରଶିକ୍ଷଣ ଲାଭ କରିଥିବା ଶ୍ରମ ଯୋଗାଣକୁ ଶ୍ରମଧାଡ଼ି ସୂଚିତ କରେ। ତେଣୁ ଶିକ୍ଷା ଓ ପ୍ରଶିକ୍ଷଣ ସ୍ତର ଓ ପ୍ରକାର ଅନୁସାରେ ଶିକ୍ଷା ଓ ପ୍ରଶିକ୍ଷଣ ନିଯୁକ୍ତି ସୁଯୋଗ ଦିଏ। ଥୁରୋଙ୍କ ଅନୁସାରେ ନିଯୁକ୍ତି ବଣ୍ଟନ ତିନୋଟି ମୌଳିକ ଉପ୍ତାଦକ ଦ୍ୱାରା ନିୟମିତ ହୁଏ।

(୧) ବୈଷୟିକ ପ୍ରଗତି ଲକ୍ଷଣ

(୨) ମଜୁରୀ-ଧାର୍ଯ୍ୟ ଯାହାକି ଦେଶରେ ବାଣିଜ୍ୟ ସଂଘର ମୂଳଚାଲରେ ମଜୁରୀ ଭେଦର ପରମ୍ପରା ଇତ୍ୟାଦି ଦ୍ୱାରା ପରିଚାଳିତ / ନିୟନ୍ତ୍ରିତ ।

(୩) କର୍ମଚାରୀ ଓ ନିଯୁକ୍ତି ଦାତା ମଧ୍ୟରେ ପ୍ରଶିକ୍ଷଣ ଖର୍ଚ୍ଚର ବଣ୍ଟନ।

ଆୟର ଅସମତା ଦୂର କରିବା ନିମନ୍ତେ ଶ୍ରମ ଯୋଗାଣ ପାର୍ଶ୍ୱରୁ ଯେଉଁମାନେ କିଛି ଶିକ୍ଷା ଓ ପ୍ରଶିକ୍ଷଣ ଲାଭକରି ନିଯୁକ୍ତି ନିମନ୍ତେ ଲମ୍ବା ଧାଡ଼ି ଦେଉଛନ୍ତି ତାହା ଅପେକ୍ଷା ଥୁରୋ, ଏକ ସଫଳ ଅସ୍ତ୍ର ଭାବେ ନିଯୁକ୍ତି ବିତରଣ ଏବଂ ପ୍ରଣାଳୀ ପରିବର୍ତ୍ତନ କରି (ନିଯୁକ୍ତି ସୁଯୋଗ ଚାହିଦା ପଟରୁ) ସୁଚିନ୍ତିତ ଭାବେ ସରକାରଙ୍କର ପାରିଶ୍ରମିକ ନୀତି ଅନୁମୋଦନ କରନ୍ତି। ତେଣୁ ଦେଶରେ ମାନବ

ଶକ୍ତିର ପରିଚାଳନା ଦିଗଟି ଅତି ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି ବିତରଣ ଏବଂ ଆବଶ୍ୟକ କୌଶଳ ରେଖାରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ହେଲା ଅର୍ଥନୀତିରେ ଅର୍ଥନୈତିକ ଗଣନ ସଂରଚନା, ନିଯୁକ୍ତି ବିତରଣ, ବୈଷୟିକ ପ୍ରଗତି, ବାଣିଜ୍ୟ ସଂଘର ଭୂମିକା, ଶିକ୍ଷା ଓ ପ୍ରଶିକ୍ଷଣ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା। ଶ୍ରମ ନିୟମ ଏବଂ ମଜୁରୀ, ଜନ ସ୍ୱାସ୍ଥ୍ୟ ସେବାରେ ବିନିଯୋଗ ଏବଂ ଅତ୍ୟଧିକ ଶ୍ରମ ଯୋଗାଣର ନିୟନ୍ତ୍ରଣ ନିୟମିତ ଭାବେ ଯାଞ୍ଚ ହେବା ଉଚିତ। ମାନବ ଶକ୍ତିର ଚାହିଦା ଓ ନିଯୁକ୍ତି ସୁଯୋଗ ଯୋଗାଣର ନିୟନ୍ତ୍ରଣ ପେଶାଗତ, ବୈଷୟିକ ବୃତ୍ତିର ପରିସର ବୃଦ୍ଧିରେ ସାହାଯ୍ୟ କରିବ। ଅତ୍ୟଧିକ ଶ୍ରମ ଯୋଗାଣ ଗୋଟିଏ ବୃତ୍ତିରେ ପ୍ରବେଶ ନିମନ୍ତେ ଶିକ୍ଷାଗତ ଯୋଗ୍ୟତାର ପାହ୍ୟା ବୃଦ୍ଧି କରିପାରେ ଯାହାକି ଫଳତଃ ଚାହିଦା ଓ ଶ୍ରମ ଯୋଗାଇବାରେ ଅସାମଞ୍ଜସ୍ୟ ଆଣେ। ଏହା ସଂପୂର୍ଣ୍ଣ ସମ୍ଭବ ଯେ, ନିମ୍ନ ନିଯୁକ୍ତି ନିମନ୍ତେ ଅଧିକ ଶିକ୍ଷା ଯୋଗ୍ୟତା ଓ ପ୍ରଶିକ୍ଷଣ ଧାରୀ ପ୍ରତିଯୋଗିତା କରିପାରନ୍ତି। ବଜାରରେ ଏହି ପ୍ରକାର ପରିସ୍ଥିତି ଶିକ୍ଷା ଓ ପେଶାଗତ ପ୍ରଶିକ୍ଷଣ କ୍ଷେତ୍ରରେ ଭୁଲ୍ ବିନିଯୋଗର ସଂକେତ ଦିଏ। ଏହିପରି ଘଟିବା ଉଚିତ୍ ନୁହେଁ।

ଶେଷରେ, ଏହା କୁହାଯାଇପାରେ ଯେ, ଶିକ୍ଷା ଓ ପ୍ରଶିକ୍ଷଣ (ବିଦ୍ୟାଳୟ ଶିକ୍ଷା) ଜଣେ ବ୍ୟକ୍ତି ପାଇଁ ଆଶାନୁରୁପ ରୋଜଗାର ଆଣିନପାରେ କିନ୍ତୁ ଏହା ଏକ ଅପବ୍ୟୟୀ ବ୍ୟୟ ହୋଇନପାରେ ଯେହେତୁ ବୃହତ୍ତର ଭାବେ ଶିକ୍ଷିତ ଲୋକ ତା'ର ପରିବାର ତଥା ସମାଜ ନିମନ୍ତେ ଏକ ମୂଲ୍ୟବାନ ସମ୍ପତ୍ତି ଅଟେ। ତୁମେ ନିମ୍ନଲିଖିତ କାର୍ଯ୍ୟ/ପ୍ରକଳ୍ପକୁ ନେଇ ନିଜ ଭିତରେ କଥା ବାର୍ତ୍ତା କର ।

**ଶିକ୍ଷଣକାର୍ଯ୍ୟ- ୧**

୧. ତୁମ ଅଞ୍ଚଳର ୧୦ ରୁ ଓ ୧୫ ପରିବାରକୁ ନେଇ ଏକ ସର୍ବେକ୍ଷଣ କର ଏବଂ ପରିବାରରେ କାର୍ଯ୍ୟରତ ସଦସ୍ୟଙ୍କର ଶିକ୍ଷାଗତ ସ୍ଥିତିକୁ ନେଇ ଶିକ୍ଷାରେ ସେମାନଙ୍କର ବୃତ୍ତିଗତ ସ୍ଥିତିକୁ ଅଧ୍ୟୟନ କର। ଶିକ୍ଷାଗତ ସ୍ଥିତି ଦୁଇ ଭାଗରେ ବିଭକ୍ତ ହେବା ଉଚିତ୍। (୧) ସାଧାରଣ ଶିକ୍ଷା (୨) ପ୍ରଶିକ୍ଷଣ।

୨. ତୁମେ କାର୍ଯ୍ୟରତ ସଦସ୍ୟମାନଙ୍କର ଶିକ୍ଷାଗତ ସ୍ଥିତି ଆଧାରରେ ଆୟରେ କୌଣସି ଭିନ୍ନତା ପାଉଛ କି? ଯଦି ହଁ, ତେବେ ସେହି ଆୟର ଭିନ୍ନତାଗୁଡ଼ିକୁ ଚିହ୍ନଟ କର ।

ପରିବାର ରୋଜଗାରର ଏହି ଭିନ୍ନତାଗୁଡ଼ିକ ଶିକ୍ଷା, ସ୍ତର ଓ ପ୍ରଶିକ୍ଷଣର ପ୍ରକାର କିମ୍ବା ଅନ୍ୟାନ୍ୟ କାରଣ ପାଇଁ ହେଉଛି କି?

ଗୋଟିଏ ପରିବାରର କାର୍ଯ୍ୟରତ ସଦସ୍ୟମାନଙ୍କ ପାଇଁ ଆୟ, ବୃତିଗତ ଏବଂ ଶୈକ୍ଷିକ ସ୍ଥିତି ଉପରେ ପ୍ରକଳ୍ପ ।

ଟିପ୍ପଣୀ

| କ୍ରମିକ ନଂ ପରିବାର | ପରିବାର ଗୁଡ଼ିକର କାର୍ଯ୍ୟରତ ସଂଖ୍ୟା | କାର୍ଯ୍ୟରତ ସଦସ୍ୟ ମାନଙ୍କର ବୟସ (ବର୍ଷରେ) | କାର୍ଯ୍ୟରତ ସଦସ୍ୟଙ୍କ ଶିକ୍ଷାଗତ ସ୍ଥିତି | ପ୍ରଶିକ୍ଷଣ | କାର୍ଯ୍ୟରତ ସଦସ୍ୟଙ୍କ ବ୍ୟବସାୟ ବା ବୃତ୍ତି | କାର୍ଯ୍ୟରତ ସଦସ୍ୟଙ୍କ ବାର୍ଷିକ ଆୟ ଟଙ୍କାରେ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ପରିବାର ୧ | ୧<br>୨<br>୩<br>୪ | | | | | |
| ପରିବାର ୨ | ୧<br>୨<br>୩<br>୪ | | | | | |
| ପରିବାର ୩ | ୧<br>୨<br>୩<br>୪ | | | | | |
| ପରିବାର ୪ | ୧<br>୨<br>୩<br>୪ | | | | | |

ଟିପ୍ପଣୀ

୧. ସାରା ଗୋଷ୍ଠୀରେ ସୁବିଧା ଅନୁଯାୟୀ ୧୦-୧୫ ଟି ପରିବାରକୁ ଅଧ୍ୟୟନ କର। ଏହି ଫର୍ଦ୍ଦଟି କେବଳ ସ୍ତମ୍ଭ ଗୁଡ଼ିକୁ ସୂଚିତ କରେ। ତୁମେ ଧାଡ଼ି ଗୁଡ଼ିକୁ ପରିବାର ସଂଖ୍ୟା ଅନୁଯାୟୀ ବୃଦ୍ଧି କରିପାରିବ।

୨. ପ୍ରତ୍ୟେକ କାର୍ଯ୍ୟରତ ସଦସ୍ୟ ଯିଏ ପରିବାର ପାଇଁ ରୋଜଗାର କରୁଛନ୍ତି ସେମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର। (ସ୍ତମ୍ଭ-୨)

୩. ଶିକ୍ଷାର ଅର୍ଥ (i) ନିରକ୍ଷର (ii) ପ୍ରାଥମିକ ଉର୍ତ୍ତୀର୍ଣ୍ଣ (iii) ପ୍ରାରମ୍ଭିକ ଉତ୍ତୀର୍ଣ୍ଣ (iv) ମାଧ୍ୟମିକ ଉତ୍ତୀର୍ଣ୍ଣ (ଏକାଦଶ - ଦ୍ୱାଦଶ) (v) ଉଚ୍ଚମାଧ୍ୟମିକ ଉତ୍ତୀର୍ଣ୍ଣ (ଏକାଦଶ - ଦ୍ୱାଦଶ) (vi) ସ୍ନାତକ (ଗ୍ରାଜୁଏଟ) (vii) ସ୍ନାତକୋତ୍ତର ଏବଂ ତଦୁର୍ଦ୍ଧ୍ୱ (ସ୍ତମ୍ଭ - ୪)

ଟିପ୍ପଣୀ

ପ୍ରଶିକ୍ଷଣର ଅର୍ଥ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟରେ ପେଶାଗତ କିମ୍ବା ବୈଷୟକ ଶିକ୍ଷା, ଉଦାହରଣ ସ୍ୱରୂପ କୁଶଳ କାରୀଗର, ଠିକାଦାର, ବିଦ୍ୟୁତ୍ ମିସ୍ତ୍ରୀ, ପାଇପ୍ ମିସ୍ତ୍ରୀ, ଶିକ୍ଷକ, ପରିଦର୍ଶକ, ଯନ୍ତ୍ରୀ, ଭେଷଜଜ୍ଞ, ଡାକ୍ତର, ସେବିକା ଇତ୍ୟାଦି (ସ୍ତମ୍ଭ - ୬)। ପ୍ରଶିକ୍ଷଣ ଯୋଗ୍ୟତା ଗୁଡ଼ିକ ପ୍ରଶିକ୍ଷଣ ସ୍ତର ଅନୁଯାୟୀ ଲେଖାଯିବା ଉଚିତ୍। (i) ସାଟିଫିକେଟ ପାଠ୍ୟକ୍ରମ (ii) ଡିପ୍ଲୋମା ପାଠ୍ୟକ୍ରମ (iii) ସ୍ନାତକ ପାଠ୍ୟକ୍ରମ ଇତ୍ୟାଦି (ସ୍ତମ୍ଭ - ୫ରେ)

ସଂଗୃହୀତ ତଥ୍ୟରୁ ସିଦ୍ଧାନ୍ତଗୁଡିକୁ ପ୍ରସ୍ତୁତ କର।

୧) ସାକ୍ଷର ଏବଂ ଶିକ୍ଷିତ କାର୍ଯ୍ୟରତ ସଦସ୍ୟମାନେ ନିରକ୍ଷରଙ୍କ ଠାରୁ ଅଧିକ ରୋଜଗାର କରୁଛନ୍ତି କି?

୨) ଉଚ୍ଚତର ଶିକ୍ଷା ଯୋଗୁ କାର୍ଯ୍ୟରତ ସଦସ୍ୟଙ୍କ ରୋଜଗାର ବୃଦ୍ଧି ହେଉଛି କି?

୩) କାର୍ଯ୍ୟରତ ସଦସ୍ୟଙ୍କ ରୋଜଗାର ବୃତ୍ତିଗତ ଶିକ୍ଷା ଲାଗି ବୃଦ୍ଧି ହେଉଛି କି? କାର୍ଯ୍ୟରତ ସଦସ୍ୟଙ୍କ ବାର୍ଷିକ ରୋଜଗାର ସ୍ତମ୍ଭ ୫ ସହ ତୁଳନା କର।

୪) କାର୍ଯ୍ୟରତ ସଦସ୍ୟଙ୍କର କେଉଁ ବ୍ୟବସାୟ ବା ବୃତ୍ତି ଅଧିକ ଆୟ ଦେଇ ଥାଏ?

୫) କାର୍ଯ୍ୟରତ ସଦସ୍ୟଙ୍କ ରୋଜଗାର ବୟସ ସହିତ ବୃଦ୍ଧି ହୁଏ କି?

## ୧୨.୩ ପରିଚାଳନା ପନ୍ଥା ସମୂହର ପ୍ରକାର

ଶୈକ୍ଷିକ ଯୋଜନା ଦୃଷ୍ଟିରୁ, ଏଠାରେ ଚାରୋଟି ପନ୍ଥାକୁ ବିଚାରକୁ ନିଆଯାଇଛି। ତୁମେ ମଧ୍ୟ ଗ୍ରନ୍ଥ ସମୂହରେ ସ୍ଥାପିତ ବୈଷୟିକ ଦିଗକୁ ଅଧିକ ଆଲୋଚନା କରି ଏହି ତାତ୍ତ୍ୱିକ ସୂତ୍ର ରେ ଭାଗନିଅ।

### ୧୨.୩.୧ ଜନଶକ୍ତିର ଆବଶ୍ୟକତା

ଏହି ପନ୍ଥା ଅନୁସାରେ ଶିକ୍ଷା ଯୋଜନା ସାମଗ୍ରିକ ଭାବେ ଦେଶର ଜନଶକ୍ତିର ଆବଶ୍ୟକତା କିମ୍ବା ଅର୍ଥନୀତିକୁ ଦୃଷ୍ଟିରେ ରଖି ତିଆରି କରାଯାଏ। ଦ୍ରବ୍ୟାଦି ଓ ସେବାକାର୍ଯ୍ୟ ଉତ୍ପାଦନ ବେଳେ, ଉତ୍ପାଦିତ କାର୍ଯ୍ୟଭାର ସମ୍ପାଦନ ନିମନ୍ତେ ଶ୍ରମର ଆବଶ୍ୟକତା ଅଛି। ଏହା ସାଧାରଣ ଶିକ୍ଷା ଏବଂ ସ୍ୱତନ୍ତ୍ର କୌଶଳ ଦରକାର କରିପାରେ। ଯେତେବେଳେ ଉତ୍ପାଦ ପ୍ରକ୍ରିୟା ସରଳ ଅଟେ, ଶିକ୍ଷାର ଆବଶ୍ୟକତା ଏବଂ କୌଶଳ ମଧ୍ୟ ସରଳ। ଯେତେବେଳେ ଉତ୍ପାଦ ପ୍ରକ୍ରିୟା ଜଟିଳ, ଏହା ଉଚ୍ଚତର ଶିକ୍ଷା ଏବଂ କୌଶଳ, ଯାହାକି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦରକାର କରେ। ଉଦାହରଣ ସ୍ୱରୂପ, କଂପ୍ୟୁଟର, ମୋବାଇଲ ଫୋନ୍ କିମ୍ବା ଔଷଧ ତିଆରି ଶିଳ୍ପ ନିମନ୍ତେ ଯନ୍ତ୍ରପାତି ଉତ୍ପାଦନ ନିମନ୍ତେ ଶ୍ରମ କେବଳ ଉତ୍ତମ ସାଧାରଣ ଶିକ୍ଷା ହେବା ଉଚିତ୍ ନୁହେଁ ବରଂ ସ୍ୱତନ୍ତ୍ର ପ୍ରକାର କୌଶଳ ଦରକାର କରେ ଯାହାକି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦ୍ୱାରା ଲବ୍ଧ ହୁଏ। ତେଣୁ ଶିକ୍ଷା ଯୋଜନାକାରୀମାନେ ସେମାନଙ୍କର ସ୍ୱତନ୍ତ୍ର ଜ୍ଞାନ ଏବଂ ନିପୁଣ ବିଚାର ଶକ୍ତି ବ୍ୟବହାର କରି ବିଭିନ୍ନ ଅର୍ଥନୈତିକ ବିଭବର ଉତ୍ପାଦନ ପ୍ରକ୍ରିୟା ନିମନ୍ତେ ଜନଶକ୍ତିର ଆବଶ୍ୟକତା ହିସାବ କରନ୍ତି। ଯାହା ପୂର୍ବରୁ କୁହାଯାଇଛି, ବର୍ତ୍ତମାନର ପୃଥିବୀ ଅଧିକନ୍ତୁ

ଟିପ୍ପଣୀ

ବୈଷୟିକ ଓ ପ୍ରତିଯୋଗିତା ଉପରେ ପର୍ଯ୍ୟବେସିତ, ଏହି କାରଣରୁ ଦେଶରେ ସାଧାରଣ ଶିକ୍ଷାର ସ୍ତର ଏବଂ କାର୍ଯ୍ୟରତ ଜନସଂଖ୍ୟାର ବୃତ୍ତିଗତ ସ୍ତର ଅଧିକ ଉତ୍ପାଦନ ଓ ବିଭବ ସୃଷ୍ଟି ନିମନ୍ତେ ଜନଶକ୍ତିର ଆବଶ୍ୟକତାର ଆହ୍ୱାନ ପୁରଣ ନିମନ୍ତେ ଦେଶରେ ଯୁବକମାନଙ୍କୁ ଶିକ୍ଷିତ ଓ ପ୍ରଶିକ୍ଷିତ କରାଇବା ଦରକାର । ଫଳରେ ଜନଶକ୍ତି ଆବଶ୍ୟକତାର ପନ୍ଥା ଦେଶରେ ଶିକ୍ଷା ସ୍ତର ଓ ପ୍ରଶିକ୍ଷଣ ସହିତ ବିଭିନ୍ନ ପ୍ରକାର ଓ ସ୍ତରର ବୃତ୍ତି ସହିତ ସଂଯୋଗ କରାଏ ।

### ୧୨.୩.୨ ମୂଲ୍ୟ ଆଧାରିତ ଉପକାରିତାର ବିଶ୍ଳେଷଣ

ଏହା ସତ୍ୟ ବୋଲି ଧରାଯାଏ ଯେ, ଉଭୟ ବ୍ୟକ୍ତିଗତ ଓ ସମାଜ ପାଇଁ ଅଧିକ ଭଲ ଓ ନିର୍ଦ୍ଦିଷ୍ଟ କୌଶଳ ଲାଭ ଆଶାରେ ପ୍ରଶିକ୍ଷଣ ସହିତ ଅତିରିକ୍ତ ବିଦ୍ୟାଳୟ ବର୍ଷଗୁଡିକ ବୃତ୍ତି ଉପରେ ସଚେତନତା, କୌଶଳ ଓ ବୁଝିପାରିବାର ବର୍ଦ୍ଧିତ ଉପକାର ପ୍ରଦାନ କରିଥାଏ । ଶିକ୍ଷାକୁ ଅବସର ବର୍ଗର ଏକ ବ୍ୟବହୃତ କାର୍ଯ୍ୟ ରୂପେ ବିଚାର କରିବାର ଦିନ ଆଉ ନାହିଁ । ବର୍ତ୍ତମାନ ଶିକ୍ଷା ଏକ ଫଳପ୍ରସୂ ବିନିଯୋଗ ଭାବେ ବିବେଚନା କରାଯାଉଅଛି । ଅର୍ଥନୀତିରେ ବୈଷୟିକ ଅଭିବୃଦ୍ଧି ଯୋଗୁ ଦ୍ରୁତ ଅଭିବୃଦ୍ଧି/ ପ୍ରସାରଣ, ଉନ୍ନତ ଓ ବହୁବିଧ ଜନଶକ୍ତିର ଆବଶ୍ୟକତା ଶିକ୍ଷା ପାଇଁ ଚାହିଦା ଉପରେ ଚାପ ଆଣିଛି ।

### ମୂଲ୍ୟ ଆଧାରିତ ଉପକାରିତାର ଧାରଣା

ଏକ ନିର୍ଦ୍ଦିଷ୍ଟ ଉତ୍ତମ କାର୍ଯ୍ୟ ବା ସେବା ଆଉ ଗୋଟିଏ ଉତ୍ତମ କାର୍ଯ୍ୟ ବା ସେବା ବଦଳରେ ଉପୁଜିଥାଏ । ମନୋନୀତ ବିକଳ୍ପକୁ ହାସଲ କରିବା ନିମନ୍ତେ ମନୋନୟନ ବିକଳ୍ପମାନଙ୍କୁ ତ୍ୟାଗ କରିବାକୁ ପଡ଼େ । ପରିବାରମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇଥାନ୍ତି । ସେମାନେ ପାଉଣା ଓ ଟିକସ ଦିଅନ୍ତି । ସେମାନେ ଶିକ୍ଷାର କ୍ରେତା । ଏହି ପରିବାରମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇ ପରିବାର ସଦସ୍ୟମାନଙ୍କର ଆୟକୁ ତ୍ୟାଗ କରନ୍ତି । ଏହି ପ୍ରଥମ ପ୍ରକାର ବ୍ୟୟ ପରିବାର ପ୍ରତି ପ୍ରତ୍ୟକ୍ଷ ମୂଲ୍ୟ ଓ ଶେଷୋକ୍ତ ପ୍ରକାରଟି "ସୁଯୋଗ ମୂଲ୍ୟ" କୁହାଯାଏ । ପୁନଶ୍ଚ ସଂସ୍ଥାପନା ପାଇଁ ବେତନ, ରକ୍ଷଣାବେକ୍ଷଣ, ପୋଷଣ ଖର୍ଚ୍ଚ, ଯୋଗାଣ ଭଣ୍ଡାର, ବ୍ୟବହାରରେ କ୍ଷୟକ୍ଷତି ଜନିତ ମୂଲ୍ୟହ୍ରାସ ଇତ୍ୟାଦିର ଆୟବ୍ୟୟର କଳନା ଗୋଷ୍ଠୀ ପ୍ରତି ସମ୍ବଳ ମୂଲ୍ୟ ଅଟେ । ଏଠାରେ ମଧ୍ୟ ଶିକ୍ଷାକୁ ଅନ୍ୟ କୌଣସି ଜାଗାରେ ବିନିଯୋଗ ନିମନ୍ତେ ସୁଯୋଗ ଦିଏ । ଅଧିକନ୍ତୁ ସରକାରଙ୍କ ଦ୍ୱାରା ବ୍ୟକ୍ତି ବିଶେଷଙ୍କୁ କମ୍ ମୂଲ୍ୟରେ ଶିକ୍ଷା ଯୋଗାଇ ଦିଆଯାଏ ଯେଉଁଠାରେ କି ଶିକ୍ଷାନୁଷ୍ଠାନମାନଙ୍କୁ ଚଳାଇବା ନିମନ୍ତେ ସରକାରଙ୍କ ଖର୍ଚ୍ଚ ଅଧିକ ହୋଇଥାଏ । ଏହା ସୂଚୀତ କରେ ଯେ, ଯେଉଁମାନେ ଶିକ୍ଷାଲାଭ କରୁଛନ୍ତି ସେମାନେ ପ୍ରକୃତ ବେତନଦାତା ହୁଏତ ନ ହୋଇପାରନ୍ତି । ଅନ୍ୟମାନେ ସେମାନଙ୍କ ଶିକ୍ଷା ନିମନ୍ତେ ଧାର୍ଯ୍ୟ କର ମାଧ୍ୟମରେ ଅର୍ଥ ପ୍ରଦାନ କରୁଛନ୍ତି । ଉଦାହରଣ ସ୍ୱରୂପ ସରକାରୀ ବିଦ୍ୟାଳୟ ଗୁଡିକରେ ମୁକ୍ତ ଏବଂ ବାଧ୍ୟତା ମୂଳକ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାକୁ (ଶ୍ରେଣୀ ୧ମ ରୁ ୮ମ) ଏହି ପିଲାମାନେ ବିନା ଖର୍ଚ୍ଚରେ ଶିକ୍ଷାଲାଭ କରୁଛନ୍ତି ଯେଉଁଠାର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି । ଉପକାର ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

(୧) ଅର୍ଥନୈତିକ କିମ୍ବା ଆର୍ଥିକ ଉପକାର

(୨) ଅଣ ଆର୍ଥିକ ଉପକାର

ଟିପ୍ପଣୀ

ଅର୍ଥନୈତିକ ଉପକାରର ଉଦାହରଣ ହେଲା ବ୍ୟକ୍ତି ବିଶେଷର କାର୍ଯ୍ୟରତ ଜୀବନରେ ଉପାର୍ଜିତ ଅର୍ଥ । ଅଣ ଆର୍ଥିକ ଉପକାରଗୁଡିକ ପରୋକ୍ଷ ଉପକାରଭାବେ ବିଚାର କରାଯାଇପାରେ ଯଥା

- ଉତ୍ତମ ନାଗରିକତ୍ୱର ମୂଲ୍ୟ
- କାର୍ଯ୍ୟ ସଂସ୍କୃତି ପ୍ରତି ଜ୍ଞାନ, କୌଶଳ, ମନୋବୃତ୍ତି ସମୂହ

ବ୍ୟକ୍ତି ବିଶେଷଙ୍କ ଶିକ୍ଷା ଉପକାର ସହିତ ଗୋଷ୍ଠୀ ଓ ସମାଜ ଓ ଦେଶ ମଧ୍ୟ ଶିକ୍ଷିତ ଜନଶକ୍ତିର ଉପକାର ଲାଭ କରେ ।

- ଶିକ୍ଷିତ ଓ କୁଶଳୀ ଜନଶକ୍ତିର ଉତ୍ପାଦନ ଶକ୍ତି ନିରକ୍ଷର ଜନଶକ୍ତିଠାରୁ ଅଧିକ ହୋଇଥିବା ହେତୁ ବର୍ଦ୍ଧିତ ଜାତୀୟ ଆୟ ରୂପରେ ଏହା ପ୍ରତ୍ୟେକ୍ଷ ଆର୍ଥିକ ଉପକାର ବୃଦ୍ଧି କରେ ।

ଅଣ ସାକ୍ଷର ଜନଶକ୍ତି :

ବ୍ୟକ୍ତି ବା ସମାଜ ଦ୍ୱାରା ଶିକ୍ଷା ଏବଂ ପ୍ରଶିକ୍ଷଣ ପାଇଁ ଚାହିଦା ବ୍ୟାପକ ଭାବେ ମୂଲ୍ୟ ଆଧାରିତ ଉପକାରିତା ଉପରେ ପର୍ଯ୍ୟବେସିତ । ଭାରତୀୟ ପ୍ରସଙ୍ଗରେ ଏହାକୁ ଦେଖ କିପରି ଶିକ୍ଷା, ଶୈକ୍ଷିକ ଅନୁଷ୍ଠାନ- ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକ ଅଗ୍ରଗତି କରୁଛି ।

### ୧୨.୩.୩ ସାମାଜିକ ଚାହିଦା

ଶିକ୍ଷା ପାଇଁ ସାମାଜିକ ଚାହିଦା ଅର୍ଥନୈତିକ ବିକାଶ ଦ୍ୱାରା ଏହାର ବିପରୀତ କ୍ରମ ବୃଦ୍ଧି ହୋଇଥାଏ । ଅର୍ଥନୈତିକ ଉନ୍ନତି ପ୍ରତ୍ୟେକ ଦେଶରେ ଜୀବନ ଧାରଣର ସ୍ତର ବୃଦ୍ଧି କରିଥାଏ । ଜୀବନର ଏହି ବର୍ଦ୍ଧିତ ମାନ ସାମାଜିକ ସମତା ପାଇଁ ସାମାଜିକ ଆଶା - ସଚେତନତା ବୃଦ୍ଧି କରିଥାଏ । ବିଭିନ୍ନ ସାମାଜିକ ଗୋଷ୍ଠୀ ଶିକ୍ଷା ପାଇଁ ଏକ ଶକ୍ତିଶାଳୀ ଉପାଦାନ ହୋଇଥାଏ ଏବଂ ଶିକ୍ଷା ଏକ ମାନବ ଅଧିକାର ଭାବରେ ସ୍ୱର ଉତ୍ତୋଳନ କରିବାରେ ବାଟ ଦେଖାଇଥାଏ । ଏଥିପାଇଁ ଭାରତରେ, ସ୍ୱାଧୀନତାର ପରେ ଶିକ୍ଷା ଅଧିକାର ଅଧିନିୟମ କାର୍ଯ୍ୟକାରୀ ହେଲା । ୧.୪.୨୦୧୦ ଠାରୁ ଭାରତ ବର୍ଷରେ ଏହା କାର୍ଯ୍ୟରେ ପରିଣତ ହେଲା । ତୁମେମାନେ ଏହି ଅଧିନିୟମର ମୌଳିକ ଉପାଦାନ ଗୁଡ଼ିକୁ ମନେ ପକାଅ ଯାହାକି ଏହି ଦସ୍ତାବିଜ୍‌ର ଅନ୍ୟଠାରେ ବର୍ଣ୍ଣିତ ହୋଇଛି ।

ତୁମେମାନେ ଶିକ୍ଷା ଅଧିକାର ଅଧିନିୟମ (୨୦୦୯) ର ୫ଟି ମୌଳିକ ଉପାଦାନ ପ୍ରଦାନ କରିପାରିବ କି ?

- 
- 
- 
- 
- 

ଟିପ୍ପଣୀ

### ୧୨.୩.୪ ସାମାଜିକ ନ୍ୟାୟ

ଭାରତୀୟ ସମ୍ବିଧାନ ସାମାଜିକ ନ୍ୟାୟ ହାସଲ କରିବାର ଲକ୍ଷ୍ୟ ରଖିଥାଏ। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସାମାଜିକ ନ୍ୟାୟ ସମ୍ବନ୍ଧରେ କହିଥାଏ। ଦେଶର ନ୍ୟାୟାଳୟ ଗୁଡ଼ିକ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ ଚେଷ୍ଟା କରିଥାନ୍ତି। ସରକାର ଏବଂ ବ୍ୟବସ୍ଥାପକ ସଭା ନିୟମକୁ ପ୍ରସ୍ତୁତ କରିଥାନ୍ତି ଏବଂ ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗର ସ୍ୱାର୍ଥରକ୍ଷା କରି ବିଭିନ୍ନ କଲ୍ୟାଣ ଭିତ୍ତିକ ଯୋଜନା ମାଧ୍ୟମରେ ସାମାଜିକ ନ୍ୟାୟ ହାସଲ କରିବାକୁ ଚେଷ୍ଟା କରିଥାନ୍ତି। ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟାଲଘୁ ସଂପ୍ରଦାୟ ଇତ୍ୟାଦି। ତୁମ ରାଜ୍ୟ ସରକାରଙ୍କ ଦ୍ୱାରା ତୁମ ରାଜ୍ୟରେ ଅନୁସୂଚିତ ଜାତି/ ଜନଜାତି/ ସଂଖ୍ୟାଲଘୁ ସଂପ୍ରଦାୟ/ ଅନ୍ୟାନ୍ୟ ପଛୁଆ ବର୍ଗ ନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ଦୁଇଟି ଶିକ୍ଷା ଯୋଜନାର ନାମ କହିପାରିବକି ?

## ୧୨.୪ ବିଦ୍ୟାଳୟ ଏବଂ ଗୋଷ୍ଠୀ ଭାଗୀଦାରିତାର ଦୃଢ଼ିକରଣ ପାଇଁ ପ୍ରତ୍ୟେକ ପନ୍ଥାର ପ୍ରାସଂଗିକତା

ଉପରୋକ୍ତ ଆଲୋଚନାରେ, ତୁମେମାନେ ଶିଖିଲ ଯେ, ଚାରୋଟି ପନ୍ଥା- ଜନଶକ୍ତିର ଆବଶ୍ୟକତା, ମୂଲ୍ୟ ଆଧାରିତ ଉପକାରିତା, ସାମାଜିକ ଚାହିଦା, ଏବଂ ସାମାଜିକ ନ୍ୟାୟ ଶିକ୍ଷାର ଚାହିଦା ପାଇଁ ଦାବି କରେ ଏବଂ ପରିଚାଳନାକୁ ଖୋଜିବା ପାଇଁ ପ୍ରବର୍ତ୍ତାଇଥାଏ।

- ଶିକ୍ଷା ଏବଂ ପ୍ରଶିକ୍ଷଣର ସଂପ୍ରସାରଣ କରିବା
- ବ୍ୟକ୍ତି ପରିବାର ଯେଉଁମାନେ ତାଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଏବଂ ଗୋଷ୍ଠୀକୁ ବା ବୃହତ୍ତର ଭାବେ ସମାଜକୁ ପ୍ରେରଣ କରିଥାନ୍ତି ସେମାନଙ୍କ ପାଇଁ ଇଚ୍ଛାଧୀନ ବ୍ୟବହାର ଏବଂ ଲାଭ ସୁନିଶ୍ଚିତ କରିବା ପାଇଁ ଦକ୍ଷତା ଓ କାର୍ଯ୍ୟକାରିତା ଆଣିବା।
- ସାମାଜିକ ଓ ଅର୍ଥନୀତିକ ଅସମାନତା ହ୍ରାସ କରିବା
- ଉତ୍ତମ ଓ ଦାୟିତ୍ୱ ସମ୍ପନ୍ନ ନାଗରୀକତ୍ୱ ମାଧ୍ୟମରେ ଦେଶ ଗଠନ କରିବା ।

ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣର ଘଟଣାଗୁଡିକୁ ଶକ୍ତିଶାଳୀ କରିବା ପାଇଁ ବିଦ୍ୟାଳୟ ଓ ଗୋଷ୍ଠୀର ସହଭାଗୀତା ବହୁତ ଗରୁତ୍ୱପୂର୍ଣ୍ଣ।

କିପରି ? ନିମ୍ନଲିଖିତ ଅସୁବିଧା ଗୁଡ଼ିକ ବିଷୟରେ ଭାବ-

(୧) ଅଭିଭାବକ ମାନଙ୍କର ଅନିଚ୍ଛା ହେତୁ ବାଳିକାମାନେ ବିଦ୍ୟାଳୟକୁ ଯାଉନାହାଁନ୍ତି।

(୨) ପିଲାମାନଙ୍କ ପରିତ୍ୟାଗ ହାର ଅଧିକ।

(୩) ଅଭିଭାବକ ଶିକ୍ଷକ ସଂଘ ଏବଂ ମାତୃ - ଶିକ୍ଷକ ସଂଘ ଯୋଜନାର ଉନ୍ନତି ପାଇଁ ସଂକ୍ରିୟ ଭାବେ ନିୟୋଜିତ ହେଉନାହାଁନ୍ତି।

ଉପରୋକ୍ତ ସମସ୍ୟାଗୁଡ଼ିକ ସମାଧାନ ଆବଶ୍ୟକ କରନ୍ତି। ବିଦ୍ୟାଳୟ ଓ ଗୋଷ୍ଠୀର ସହଭାଗୀତା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସହଭାଗୀତାକୁ ଶକ୍ତିଶାଳୀ କରିବା ପାଇଁ

ଟିପ୍ପଣୀ

ତୁମେମାନେ ଉପରେ ଦର୍ଶାଯାଇଥିବା ତିନୋଟି ସମସ୍ୟାର ଉପାୟ ସମ୍ବନ୍ଧରେ ପ୍ରସ୍ତାବ ଦେଇପାରିବ କି ?

(୧) ବାଳିକା ମାନେ ବିଦ୍ୟାଳୟକୁ ନଯିବା (ପ୍ରସ୍ତାବ)

- 
- 
- 

(୨) ପିଲାମାନଙ୍କ ପାଠତ୍ୟାଗ ହାର ଅଧିକ (ପ୍ରସ୍ତାବ)

- 
- 
- 

(୩) ଅଭିଭାବକ ଶିକ୍ଷକ ସଂଘ ବା ମାତୃ' - ଶିକ୍ଷକ ସଂଘର ସହଯୋଗ ଲୋଡ଼ିବା (ପ୍ରସ୍ତାବ)

- 
- 
- 

## ୧୨.୫ ବିଦ୍ୟାଳୟ ଓ ଗୋଷ୍ଠୀ ଭାଗୀଦାରିତାର ପରିଚାଳନା ଓ ସଂଗଠନ ଏବଂ ସମ୍ପର୍କ ଦୃଢ଼ିକରଣ କରିବାର ପ୍ରକ୍ରିୟା:

ମାଗଣ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁ ଅଧିକାର ଅଧିନିୟମ ୨୦୦୯ (ଆରଟିଇ ଆକ୍ଟ ୨୦୦୯) ଅନ୍ତର୍ଗତ ଧାରା ୨୧ରେ ବିଦ୍ୟାଳୟ ପରିଚାଳନା କମିଟ (ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ବିଦ୍ୟାଳୟରେ ନାମ ଲେଖାଇଥିବା ପିଲାମାନଙ୍କ ପିତାମାତା ବା ଅଭିଭାବକ ଏବଂ ଶିକ୍ଷକଙ୍କୁ ନେଇ) ଗଠନ ନିମିତ୍ତ ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କରିଥାଏ ଯଥା- (କ) ବିଦ୍ୟାଳୟ କାର୍ଯ୍ୟକ୍ରମକୁ ତଦାରଖ କରିବା ।

(ଖ) ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଏବଂ ସୁପାରିସ୍ କରିବା ।

(ଗ) ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ଯେକୌଣସି ସୂତ୍ରରୁ ପ୍ରାପ୍ତ ଅନୁଦାନର ବ୍ୟବହାରକୁ ତଦାରଖ କରିବା ।

(ଗ) ଏହିପରି ନିରୂପିତ ଅନ୍ୟ କାର୍ଯ୍ୟ ସମ୍ପାଦନ କରିବା ।

ଏହିପରି ଭାବେ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ର ଆଇନ୍ ଗତ ବ୍ୟବସ୍ଥା ଯାହା ବିଦ୍ୟାଳୟ ଓ ଗୋଷ୍ଠୀର ସହଭାଗୀତା ଏବଂ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ସୁପାରିସରେ ନିଷ୍ପତ୍ତି ନେବା ପ୍ରକ୍ରିୟାର ଏକ ଘଟଣା ପ୍ରସ୍ତୁତ କରିଥାଏ । ବିଦ୍ୟାଳୟ ପରିଚାଳନା ସମିତି ମଧ୍ୟ ବିଦ୍ୟାଳୟ ଉନ୍ନତି ସମ୍ବନ୍ଧୀୟ ବିଷୟର ତଦାରଖ କରିବା ପାଇଁ ପ୍ରାଧିକୃତ ହୋଇଥାଏ । କିନ୍ତୁ ଏକା ସମୟରେ ବିଦ୍ୟାଳୟ

ଟିପ୍ପଣୀ

ଓ ଗୋଷ୍ଠୀର ସହଭାଗିତା ପରସ୍ପରର କାର୍ଯ୍ୟାତ୍ମକ ଦାୟିତ୍ୱରେ ଅନଧିକାର ହସ୍ତକ୍ଷେପ ନ କରି ଏକ ସୁସ୍ଥ ଓ ବାଞ୍ଛନୀୟ ଭାଗୀଦାରୀ ଭାବେ ଗ୍ରହଣ କରାଯିବା ଉଚିତ୍ ।

ଉଦାହରଣ ସ୍ୱରୂପ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନ ଗୋଷ୍ଠୀର ସକ୍ରିୟ ସହଭାଗିତା ଦ୍ୱାରା ସହଜରେ ପରିଚାଳିତ ହେବା ଆବଶ୍ୟକ । ପିତା - ଶିକ୍ଷକ ସଂଘ, ମାତୃ - ଶିକ୍ଷକ ସଂଘ ବିଦ୍ୟାଳୟର କାର୍ଯ୍ୟକ୍ରମ ଗୁଡ଼ିକୁ ସଂଗଠିତ କରିବା, ପିଲାମାନଙ୍କର ଉପସ୍ଥାନକୁ ତଦାରଖ କରିବାରେ ସାହାଯ୍ୟ କରିବାରେ ଏକ କାରକ ହୋଇପାରନ୍ତି । କିନ୍ତୁ ଅନ୍ୟକେତେକ ସ୍ଥାନରେ ବିଦ୍ୟାଳୟର କାର୍ଯ୍ୟାତ୍ମକ ଦାୟିତ୍ୱ (ପରିଚାଳନା) ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ନିୟମ ଓ ସର୍ତ୍ତରେ ଶିକ୍ଷକମାନଙ୍କର ନିଯୁକ୍ତି । ଏଠାରେ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିୟମ ଓ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇଥାଏ । ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷକଙ୍କ ଖାଲି ପଡିଥିବା ପଦବୀ ବିଷୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବେ ଏବଂ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଚାପ ପ୍ରୟୋଗ କରିବେ ।

## ୧୨.୬ ସାରାଂଶ

ଏହି ଏକକରେ ପରିଚାଳନା ପନ୍ଥା - ମାନବଶକ୍ତିର ଆବଶ୍ୟକତା, ଧାର୍ଯ୍ୟ ମୂଲ୍ୟ ଆଧାରିତ ଉପକାର ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ସାମାଜିକ ଚାହିଦା ଓ ସାମାଜିକ ନ୍ୟାୟ ଲୋକମାନଙ୍କୁ ଶିକ୍ଷା ଓ ତାଲିମ୍ ଦେବାର ଆବଶ୍ୟକତା ଆଣିଛି । ତୁମେମାନେ ଶିଖିଲ ଯେ, ଶିକ୍ଷା ଓ ପ୍ରଶିକ୍ଷଣ କେବଳ ବ୍ୟକ୍ତିବିଶେଷ ପାଇଁ ଲାଭପ୍ରଦ ତାହା ନୁହେଁ ବରଂ ଗୋଷ୍ଠୀ, ସମାଜ ଓ ବୃହତ୍ତର ଭାବେ ଦେଶପାଇଁ ଲାଭପ୍ରଦ ହୋଇଥାଏ । କିନ୍ତୁ ସଂପ୍ରସାରିତ ଶିକ୍ଷା, ଶିକ୍ଷାନୁଷ୍ଠାନ - ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ପେଶାଗତ ପାଠ୍ୟକ୍ରମ ଏବଂ ଅନୁଷ୍ଠାନ, ଦେଶର ଲୋକମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି କରେ, ଚରିତ୍ର ଗଠନ କରେ, ଉତ୍ତମ ନାଗରିକତା ରୋପଣ କରେ । ତେଣୁ ବିଦ୍ୟାଳୟ ଉନ୍ନୟନ ଯୋଜନାରେ ଗୋଷ୍ଠୀର ସହଯୋଗ ଏବଂ ଦୁଇ ସଂସ୍ଥା - ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ଶକ୍ତିଶାଳୀ ହେବା ଆବଶ୍ୟକ । ତୁମେ ମଧ୍ୟ ଜାଣିଲ ଯେ, ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ବିବାଦକୁ ଦୂରେଇବା ପାଇଁ ବିଦ୍ୟାଳୟ ଓ ଗୋଷ୍ଠୀର ପରିଚାଳନାଗତ କାର୍ଯ୍ୟଗୁଡିକୁ ଭିନ୍ନ କରିବା ଆବଶ୍ୟକ ।

## ୧୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚି

1. Garg V.P. (1989) Economics of Education.Metropolitan Book Co. Pvt. Ltd., New Delhi

2. Government of India, Ministry of Human Resource Development (2009): The Right of Children to Free and Compulsory Education Act, 2009, New Delhi.

3. Schultz, T.W. Investment in Education. The Equity, Efficiency Quandary. Journal of Political Economy 80, No.3 (Supp: May/June) 1972, p.22

4. Thurow Lester, C. (1972) Education and Economic Equality: The Public Interest, Summer, 1972, Reproduced in the Baxler et.al (ed) Economics and Education Policy; Reader. Longman in association with the Open University Press, 1977, p.353.

5. Constitution of India: See Preamble of the Constitution.

6. Blaug.Mark (1980) An Introduction to the Economics of Education. Reprint. Penguin.

## ୧୨.୮ ପାଠାନ୍ତ ପ୍ରଶ୍ନାବଳୀ

୧. ତୁମ ବିଦ୍ୟାଳୟର ଅଭିଭାବକ ଶିକ୍ଷକ ସଂଘ/ମାତୃ - ଶିକ୍ଷକ ସଂଘ ଗତବର୍ଷ କିପରି କାର୍ଯ୍ୟ କରିଥିଲେ ତା'ର ଏକ ଘଟଣା ଅଧ୍ୟୟନ ପ୍ରସ୍ତୁତ କର ।

୨. ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ବିକାଶ ଯୋଜନା ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍‌ପଣୀ ପ୍ରସ୍ତୁତ କର ।

- ତୁମ ବିଦ୍ୟାଳୟରେ ଭୌତିକ ସୁବିଧା ଗୁଡ଼ିକର ବ୍ୟବସ୍ଥା
- ବିଦ୍ୟାଳୟ ବିକାଶ ଯୋଜନା ତଦାରଖରେ ବିଦ୍ୟାଳୟ ପରିଚାଳନା ସମିତିର ଭୂମିକା ଓ ଦାୟିତ୍ୱ

୩. ବିଦ୍ୟାଳୟ ବିକାଶ ଯୋଜନାରେ ଗୋଷ୍ଠୀ ବା ବିଦ୍ୟାଳୟ ପରିଚାଳନା ସମିତିର ସାହାଯ୍ୟ କରିବା ସମ୍ବନ୍ଧୀୟ କିଛି ଭିଡ଼ିଓ ସଂଗ୍ରହ କର ।